# ଗଞ୍ଜେଇ ଜବତ, ୨ଗିରଫ

ରାୟଗଡା, ୧୨।୧୧ (ଆଶିଷ ରଞ୍ଜନ ପଣ୍ଡା)

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ରାୟଗଡା ରେଳ ଷ୍ଟେଶନ ଅଞ୍ଚଳରୁ ଅବକାରୀ ବିଭାଗ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କୁ ନିକଟରୁ ୧୨କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ହରିଆଣାର ରୋହିତ ନାଗର ଓ ରାମନିବାସ ଯୋଗୀ। ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶରେ ଉପ ଅଧୀକ୍ଷକ ଗୁପ୍ତେଶ୍ୱର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାୟଗଡା ଅବକାରୀ ସଦର ଥାନା ପକ୍ଷରୁ ରେଲୱେ ଷ୍ଟେଶନ ଅଞ୍ଚଳରେ ପାଟ୍ରୋଲିଂ ସମୟରେ ୨ ଅଭିଯୁକ୍ତଙ୍କ ଉପରେ ସନ୍ଦେହ ହେବରୁ ସେମାନାଙ୍କ ବ୍ୟାଗ ଯାଞ୍ଚ କରାଯାଇଥିଲା । ଯେଉଁଥିରୁ ୧୨କେଜି ଗଞ୍ଜେଇ ବାହାରିଥିଲା। ଚଢାଉରେ ସଦର ଅବକାରୀ ଥାନା ଓଆଇସି ସଞ୍ଜୟ ପ୍ରଧାନ, ରାଶି ନାୟକ, ରାମେଶ୍ୱର ବେହେରାଙ୍କ ସମେତ ଆରପିଏଫର ଏସ୍ଆଇ ସଞ୍ଜୟ ବାରିକ, ସିଆଇବି ୟୁନିଟ୍ ହେଡ କନଷ୍ଟେବଲ ଏମ.ଶ୍ରୀନିବାସ ରାଓ ପ୍ରମୁଖ ସାମିଲ ଥିଲେ ।

# ୬୮ ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ

## ଚନ୍ଦ୍ରପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର, ୧୨।୧୧(ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାସ୍ଥିତ ସଦ୍ଭାବନା ସଭାଗୃହଠାରେ ମଙ୍ଗଳବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣପୁର ଉପ ଜିଲାପାଳ କିରନଦୀପ କୌର ସାହୋତା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଲାଲ ମୋହନ ରାଉତରାୟ, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳପତି, ତହସିଲଦାର ଆଶିଷ କୁମାର ନାୟକ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ଜିଲାପାଳ ମୋଟ ୬୮ଟି ଅଭିଯୋଗ ଗ୍ରହଣ କରି ତ୍ୱରିତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ


ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଅନ୍ୟମାନେ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଏବଂ ୧୫ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ରହିଥିଲା ।

ବିଶେଷକରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ଅଙ୍ଗନୱାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏହି ଅଭିଯୋଗ ଶିବିରରେ ମୁନିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲା କୃଷି ଅଧିକାରୀ, ଅତିରିକ୍ତ ଯୋଗାଣ, ଜିଲା ସମାଜ ମଙ୍ଗଳ ଅଧିକାରୀ, ମଧ୍ୟମ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି ନିର୍ବାହୀ ଯନ୍ତ୍ରୀ, ଟାଟା ପାୱାର ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍ ସନ୍ତୋଷ କୁମାର ଓ ଅନ୍ୟାନ୍ୟ ଜିଲାସ୍ତରିୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ମୁନିଗୁଡ଼ା,୧୨।୧୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତା କୁମାରୀ ସାହୁଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ବ୍ଲକ ଶିକ୍ଷାଧିକାରୀ ଭି.ଭାସ୍କର ରାଓ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲା କଲ୍ୟାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ମୁନିଖୋଲ ସରପଞ୍ଚ ପାଇକ ଜାକେକା, ସିଆରସିସି ମାନସୀ ମହାନ୍ତି, ଅଧ୍ୟାପକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ,କେ.ବାମନମୂର୍ତ୍ତି, କନ୍ଧଗୁଡ଼ା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୧ଟି ସ୍କୁଲର ୧୪୦ ଛାତ୍ରୀଛାତ୍ର ୧୨ଟି ଇଭେଣ୍ଟରେ ଭାଗନେଇଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ବିଶାଳ, ନନ୍ଦା ବ୍ରେଡ୍ରେକା, ଅନୁପମା ବେହେରା, ନବୀନ ଚନ୍ଦ୍ର କଂସ ବେହେରା, ନବନିତା ପ୍ରଧାନ, ସସ୍ମିତା ସାମଲ, ଅନ୍ନପୂର୍ଣ୍ଣା ଗିରି, ଇତିଶ୍ରୀ ପ୍ରିୟଦର୍ଶିନୀ, ଲକ୍ଷ୍ମୀପ୍ରିୟା ଦେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୨୨୧୮ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ ଲକ୍ଷ୍ୟ



ମୁନିଗୁଡା,୧୨।୧୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍‌ର ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶଙ୍କର ହିଆଲ ଓ ପ୍ରାଣୀ ଚିକିତ୍ସକ ଡା. ଅନନ୍ୟା ଭାରତୀ ସାହୁଙ୍କ ମିଳିତ ସଂଯୋଜନା ଓ ପ୍ରାଣୀଧନ ନିରୀକ୍ଷକ, ପି.ଏ. ଅମିତ କୁମାର ପାଢ଼ୀଙ୍କ ପରିଚାଳନାରେ ବ୍ଲକ୍‌ର ସମସ୍ତ ୧୭ ପଞ୍ଚାୟତରେ ମୋଟ ୨୨୧୮ ହିତାଧିକାରୀଙ୍କୁ ୧୧୫୩୦ଟି କୁକୁଡ଼ା ଚିଆଁ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି।

ବ୍ଲକ୍‌ରେ ୨୦୨୨-୨୩ ମସିହାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଶିଶୁ ବିକାଶ ବିଭାଗ ଦ୍ୱାରା ସର୍ଭେ କରିଥିବା ତଥ୍ୟ ଅନୁଯାୟୀ, ୧୨୦୭ ଜଣ ଅପପୁଷ୍ଟି ଶିଶୁ ଓ ୯୮୯ ରକ୍ତହୀନତା ମହିଳାଙ୍କୁ ୫ଟି ଲେଖାଏ ବାଡ଼ି ଅଗଣା କୁକୁଡ଼ା ଚିଆଁ ବଣ୍ଟନ କରାଯାଇଥିଲା। ଏଥିସହ ୨୨ ଜଣ ଚାଷୀଙ୍କୁ ଗ୍ରାମୀଣ ବାଡ଼ି ଅଗଣାରେ କୁକୁଡ଼ା ଚାଷ ଯୋଜନାରେ ୨୫ଟି ଲେଖାଏ କୁକୁଡ଼ା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମଙ୍ଗଳବାର ମୁନିଖୋଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କରାଯାଇ ହିତାଧିକାରୀ ମାନଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରରେ ସମସ୍ତ ପ୍ରାଣୀମିତ୍ର ଓ ଅଙ୍ଗନୱାଡି କର୍ମୀମାନେ କୁକୁଡ଼ା ଚିଆଁ ବଣ୍ଟନରେ ପରିଚାଳନା ଓ ସହଯୋଗ କରିଥିଲେ ବୋଲି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ହିଆଲ ଓ ପ୍ରାଣୀ ଚିକିତ୍ସକ ଡା. ସାହୁ ସୂଚନା ଦେଇଥିଲେ ।

# ଲୁକ୍କାୟିତ ପ୍ରତିଭା ବିକାଶ କରେ ସର୍ଗିଫୁଲ

## ସର୍ଗିଫୁଲ ପ୍ରତିଯୋଗିତାରେ ଭାଗନେଲେ ୪୦୦ ଛାତ୍ରୀଛାତ୍ର

ରାୟଗଡା, ୧୨।୧୧ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ବ୍ଲକ ଅନ୍ତର୍ଗତ ତାଡ଼ମା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଅମୂଲ୍ୟ କୁମାର ସାହୁ ଯୋଗଦେଇ ଆଦିବାସୀ ଅଧୁଷିତ ଅଞ୍ଚଳରେ ପିଲାଙ୍କ ଲୁକ୍କାୟିତ ପ୍ରତିଭା ବିକାଶ କରିବା ପାଇଁ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧୀଶ (ସିଆଇ) ଶ୍ୟାମଘନ ଭୂୟାଁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ, ଅବସରପ୍ରାପ୍ତ ଜିଲା ଶିକ୍ଷାଧିଶ ବିପିନ ବିହାରୀ ବିଶ୍ୱାଳ, ବିଲେସୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀନିବାସ ରାଓ ଲାଡି, ଲକ୍ଷ୍ମୀ ନାରାୟଣ ପାଳ ଓ ଏସ୍ଏମ୍ସି


ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଚୁନା କାଡ୍ରାକା ପ୍ରମୁଖ ମଞ୍ଚାସୀନ ଥିଲେ । କୁଚୁଲୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ପରିଛା ମଞ୍ଚ ପରିଚାଳନା କରିଥିଲେ। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଚିତ୍ରାଙ୍କନ, ସଙ୍ଗୀତ,ବକ୍ତୃତା, ତର୍କ, କୁଇଜ ,ସ୍ଲୋଗାନ,ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୨ଟି ବିଦ୍ୟାଳୟରୁ ମୋଟ ୪୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ସନ୍ଧ୍ୟା ସମୟରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ହାଲୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିରେ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆଗାମୀ ଦିନରେ ଜିଲାସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ତାଡମା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

## ୪ର୍ଥ ଶ୍ରେଣୀ ଛାତ୍ର ଆତ୍ମହତ୍ୟା ଘଟଣା

ରାୟଗଡା,୧୨।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କାଶୀପୁର ବ୍ଲକ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଖଗେଶ୍ୱର ଝୋଡ଼ିଆଙ୍କ ମୃତ୍ୟୁ ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଜିଲା ଶିକ୍ଷା ବିଭାଗ । କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ହେଲା ସେ ନେଇ ଶିକ୍ଷା ବିଭାଗ ପକ୍ଷରୁ ପଚରାଯାଇଥିଲା । ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କାରଣ ଦର୍ଶାଅ ନୋଟିସର ଉତ୍ତର ଦେଇଥିବା ଜିଲା ଶିକ୍ଷା ଅଧିକାରୀ ନାୟକ ପ୍ରକାଶ କରିଛନ୍ତି । ମିଳିତ ତଦନ୍ତ ରିପୋର୍ଟକୁ ଆମେ ସରକାରଙ୍କ ନିକଟରେ ଦାଖଲ କରିଛୁ ଏବଂ ଆଗାମୀ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ଖଗେଶ୍ୱର ୮ ତାରିଖରେ ମୃତ୍ୟୁବରଣ କରିଲା ପରେ ଜିଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ୍ତ କୁମାର ସୁବୁଦ୍ଧି ଘଟଣାସ୍ଥଳକୁ ଯାଇ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ କରିଥିଲେ । ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ସି.ସି.ଏ ଏବଂ ହଷ୍ଟେଲ ଅନ୍ତେବାସୀଙ୍କୁ ପଚରାଉଚରା କରିଥିଲେ । ଅନ୍ୟପକ୍ଷେ ଛାତ୍ର ଆତ୍ମହତ୍ୟା ଘଟଣାକୁ ନେଇ ଜୟନ୍ତ କୁମାର ଦାଶ ନାମକ ଜଣେ ସୂଚନା ଅଧିକାର କର୍ମୀ ଏନ୍ଏଚଆରସିଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ସେ ନିବେଦନ କରିଛନ୍ତି ।

# ଭାଗବତ କଥା, ଜ୍ଞାନଯଜ୍ଞ

ପଦ୍ମପୁର, ୧୨।୧୧(ପ୍ରଶାନ୍ତ କୁମାର କର)

ପଦ୍ମପୁର ଭାଗବତ ଟୁଙ୍ଗି ପରିସରରେ ଅଁଳା ନବମୀଠାରୁ ୭ ଦିନ ପର୍ଯ୍ୟନ୍ତ ଭାଗବତ କଥା ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ବୃନ୍ଦାବନ ଧାମର ବରିଷ୍ଠ ପ୍ରବକ୍ତା ଲୀଳା ଶୁକ ସ୍ୱାମୀ ମୁକୁନ୍ଦ କୃଷ୍ଣ ଦାସ ମହାରାଜ ପ୍ରତ୍ୟେକ ଦିନ ପ୍ରବଚନ ମଧ୍ୟମରେ ଭାଗବତ କଥା ଶୁଣାଉଛନ୍ତି। ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ତାଙ୍କର ଅପୂର୍ବ ଲୀଳା, ନନ୍ଦ ଉତ୍ସବ, ରାଧାକୃଷ୍ଣଙ୍କ ପ୍ରେମ ଭକ୍ତି, ରୁକ୍ମିଣୀ ବିବାହ, କୃଷ୍ଣ ସୁଦାମାଙ୍କ ଅପୂର୍ବ ବନ୍ଧୁତା ମିଳନ, କଂସ ବଧ, ମହାଭାରତ ଯୁଦ୍ଧରେ ସାରଥି ସାଜି ଭଗବାନ କିଭଳି ଅର୍ଜୁନଙ୍କୁ ଜ୍ଞାନ ଦେଇଥିଲେ ସେ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ଦିନ ସଂକୀର୍ତ୍ତନ ମଣ୍ଡଳୀ ସହ ପ୍ରବକ୍ତା ଦାସଜୀ ମହାରାଜଙ୍କୁ ମଣ୍ଡପ



ନିକଟକୁ ସ୍ୱାଗତ କରାଯାଇଥିଲା। କାର୍ତ୍ତିକ ମାସ ହୋଇଥିବାରୁ ପଦ୍ମପୁର ତଥା ଆଖପାଖ ଅଞ୍ଚଳର ବହୁ ଭାଗବତପ୍ରେମୀଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ପଦ୍ମପୁର ଭାଗବତ ଟୁଙ୍ଗିର ମୁଖ୍ୟ ସେବକ ନରସିଂହ ପଣ୍ଡା, ରବିନାରାୟଣ ରଥ,ମୃତ୍ୟୁଞ୍ଜୟ ଦେଓ, ସନ୍ତୋଷ କର, ତ୍ରିପତି, ଜଗଦୀଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିବା ଜଣାପଡ଼ିଛି।

# ହାତୀ ଆକ୍ରମଣରେ ମହିଳା ଆହତ, ଭାଙ୍ଗିଲା ଘର

ଗୁଣପୁର,୧୨।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଉପର ସାମ୍ନିନି ଗାଁରେ ସୋମବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧା ଆହତ ହୋଇଛନ୍ତି। ଆହତ ବୃଦ୍ଧା ହେଲେ ସୁଭଦ୍ରା ଶବର (୬୦) । ଏକ ଅଣ୍ଡିରା ହାତୀ ଗତ କିଛିଦିନ ହେବ ଅଞ୍ଚଳରେ ଘୂରି ବୁଲିବା ସହ ଉପଦ୍ରବ ଚଳାଇଛି।

ସୂଚନାଯୋଗ୍ୟ, ଗୁଣପୁର ଅଞ୍ଚଳରେ ପୂର୍ବରୁ ୬ ଟିକିଆ ହାତୀ ପଲ ଘୂରି ବୁଲୁଥିଲେ। ଗତ ବର୍ଷ ୪ ହାତୀ ଆନ୍ଧ୍ର ମୁହାଁ ହୋଇ ଯିବା ସମୟରେ ବିଦ୍ୟୁତ୍ ଆଘାତରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ସେପ୍ଟେମ୍ବର ୪ ତାରିଖରେ ଗୁଣପୁର ବ୍ଲକ୍‌ର ଫୁଲପୁଟି ନିକଟରେ ବିଦ୍ୟୁତ୍ ତାର ସଂଯୋଗରେ ଆସି ଆଉ ଗୋଟେ ମାଈ ହାତୀର ମୃତ୍ୟୁ ଘଟିଥିଲା। ଫଳରେ ଅଣ୍ଡିରା ହାତୀଟି ସେମାନଙ୍କୁ ହରାଇ ଉପଦ୍ରବ କରି ଚାଲିଛି । ଅଣ୍ଡିରା ହାତୀଟି ସୋମବାର ସନ୍ଧ୍ୟାରେ ଖାଦ୍ୟ ଅନ୍ୱେଷଣରେ ସାମ୍ନିନି ନିକଟ ଧାନ ଜମିକୁ ଆସିଥିବା କୁହାଯାଉଛି। ବିଳମ୍ବିତ ରାତିରେ ସାମ୍ନିନି ନିକଟ ଏକ କୁଡ଼ିଆ ଘର ଭାଙ୍ଗିବା ସହ ଘର ଭିତରେ ଥିବା ଜଣେ ବୃଦ୍ଧା ଆହତ ହୋଇଥିବା ଅଭିଯୋଗ ହୋଇଛି। ଗୁଣପୁର ବନ ବିଭାଗ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।


ବନ ବିଭାଗ ଅନୁଧ୍ୟାନ କରୁଛି।

# ଗୁଣପୁର କଲେଜରେ ୱାଇଫାଇ ସେବା ଆରମ୍ଭ

ଗୁଣପୁର,୧୨।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କଲେଜରେ ମଙ୍ଗଳବାରଠାରୁ ୱାଇଫାଇ ସେବା ଆରମ୍ଭ ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗରିବ ଛାତ୍ରୀଛାତ୍ର, ଯେଉଁମାନେ ଇଣ୍ଟରନେଟ୍ ସୁବିଧାରୁ ବଞ୍ଚିତ ହେଉଥିଲେ ସେମାନେ ଏହାଦ୍ୱାରା ଉପକୃତ ହୋଇପାରିବେ । ଓଡ଼ିଶା ସରକାରଙ୍କ ପକ୍ଷରୁ ପିଲାମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି କଲେଜ ପରିସରରେ ୱାଇଫାଇ ସେବା ଯୋଗାଇ ଦିଆଯାଇଥିବା କଲେଜ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ପ୍ରକାଶ କରିଛନ୍ତି। ବିଏସ୍ଏନ୍ଏଲ୍ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତି ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପିଲାଙ୍କୁ ୱାଇଫାଇ ପାସ୍‌ୱାର୍ଡ ପ୍ରଦାନ କରାଯାଇଥିବାରୁ ଛାତ୍ରୀଛାତ୍ର ଇଣ୍ଟରନେଟ୍ ଉପଯୋଗ କରୁଥିବା ଅଧ୍ୟକ୍ଷ ମହାନ୍ତି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କଲେଜ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର କୃତଜ୍ଞତା ଜଣାଇଛନ୍ତି। ପ୍ରତ୍ୟେକ ଛାତ୍ରୀଛାତ୍ର ଦୈନିକ ୧୦୦ ଏମ୍‌ବିପିଏସ୍ ବେଗରେ ୧ ଜିବି ପିଲା ଇଣ୍ଟରନେଟର ସୁବିଧା ପାଇପାରିବେ। ଗାଁ ଗହଳିରେ ନେଟ୍‌ୱର୍କ ନ ଥିବାରୁ ପିଲାମାନେ ପାଠପଢ଼ା ସହ ଅନ୍ୟାନ୍ୟ କାର୍ଯ୍ୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ସବୁବେଳେ ଅଭିଯୋଗ ହେଉଥିଲା। ବର୍ତ୍ତମାନେ ରାଜ୍ୟ ସରକାର କଲେଜ କ୍ୟାମ୍ପସରେ ମାଗଣା ଇଣ୍ଟରନେଟର ସୁବିଧା ପ୍ରଦାନ କରିଥିବାରୁ ପିଲାମାନେ ଏ ଦିଗରେ ଖୁବ୍ ଉପକୃତ ହୋଇପାରିବେ ବୋଲି ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଇଛି। ଏହାର ସଦୁପଯୋଗ କରି ପିଲାମାନେ ଶିକ୍ଷା କ୍ଷେତ୍ରରେ କିପରି ଏହାକୁ ବିନିଯୋଗକରି ଭଲ ମଣିଷ ହୋଇ ତିଆରି ହୋଇପାରିବେ ସେ ଦିଗରେ ଯତ୍ନଶୀଳ ହେବା ଉପରେ ଶିକ୍ଷାବିତ୍‌ମାନେ ଆଶା ପ୍ରକଟ କରିଛନ୍ତି।

# ସିଂହଦ୍ୱାର, ଅରୁଣ ସ୍ତମ୍ଭ ନିର୍ମାଣ ପାଇଁ ଭୂମି ପୂଜନ

ଗୁଣପୁର,୧୨।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସିଂହଦ୍ୱାର ଏବଂ ଅରୁଣ ସ୍ତମ୍ଭ ନିର୍ମାଣ ନିମନ୍ତେ ମଙ୍ଗଳବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସତ୍ୟଜିତ ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଏବଂ ଏସ୍. ବାବା ପ୍ରସାଦ ପୂଜାର୍ଚ୍ଚନା କରି ଭୂମି ପୂଜନ କରିଥିଲେ। ପୂଜକ ସୁଦାମ ରଥଶର୍ମାଙ୍କ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସାମାଜିକ କର୍ମୀ ଅକ୍ଷୟ ଦାସ, ବିଜେଡି ଯୁବନେତା ରାମ ପଣ୍ଡା, ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ତ୍ରିପତି ମହାନ୍ତି, କାଉନସିଲର ଭାଗୀରଥି ବିଷୋୟୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।


ସିଂହଦ୍ୱାର ଏବଂ ଅରୁଣ ସ୍ତମ୍ଭ ନିର୍ମାଣ ନିମନ୍ତେ ଆୟୋଜିତ ଭୂମିପୂଜା।

# ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ଟିକିରି,୧୨।୧୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଗୋକୁଳମୁଣ୍ଡଠାରେ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଚାଲିଛି । କାର୍ତ୍ତିକ ମାସ ପଞ୍ଚକ ଅବସରରେ ନାମସଂକୀର୍ତ୍ତନ କରାଯିବା ସହ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଛି। ଏହି ଅଷ୍ଟ ପ୍ରହରୀରେ ୯ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେବା ସହ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କଳାକାରମାନେ ସଙ୍କୀର୍ତ୍ତନ କରୁଛନ୍ତି। ମୁଖ୍ୟ ପୂଜକ ଭାବେ ସଞ୍ଜୟ ଷଡ଼ଙ୍ଗୀ ଦାୟିତ୍ୱ ତୁଲାଉଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ

ପଦ୍ମପୁର, ୧୨।୧୧(ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ଥିତ ଉପର ଜୁଗୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ପଦ୍ମପୁର ସରକାରୀ ପ୍ରାଥମିକ ଚିକିତ୍ସାଳୟ ନିକଟରେ ଥିବା ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଆଖଡ଼ା ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ କରାଯାଉଛି । ବିଭିନ୍ନ ଅଞ୍ଚଳରୁ ସୁନାମଧନ୍ୟ କୀର୍ତ୍ତନ ମଣ୍ଡଳୀ ନିମନ୍ତ୍ରିତ ହୋଇ ଆସି ସଂକୀର୍ତ୍ତନରେ ସାମିଲ ହୋଇଛନ୍ତି । ଫଳରେ କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଆଧାତ୍ମିକ ପରିବେଶରେ ଉତ୍ସବମୁଖର ହୋଇ ଉଠିଅଛି । ବୁଧବାର ନଗରୀ କୀର୍ତ୍ତନ କରି ଶ୍ରୀଚୈତନ୍ୟ ଠାକୁରଙ୍କୁ ଗ୍ରାମ୍ୟ ପରିକ୍ରମା କରାଯିବ। ବିଷ୍ଣୁ ସାହୁ, ଜୁର ସାହୁ, ମିଡିକ ସାହୁ, କାହ୍ନୁ ମହାପାତ୍ର, ଜାଗିଲି ସାହୁ, ସନାତନ ରାଉତ, ନରେନ୍ଦ୍ର ସାହୁ, ବଂଶୀ ସାହୁ, ମୋହନ ସାହୁ , ବୁଦ୍ଧୁ ବେହେରା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଆଧାତ୍ମିକ କାର୍ଯ୍ୟ ଅନୁଷ୍ଠିତ ହେଉଛି ।

# ସର୍ଗିଫୁଲ ପ୍ରତିଯୋଗିତାରେ ଭାଗନେଲେ ୨୨୦ ଛାତ୍ରୀଛାତ୍ର

କୋଲନରା,୧୨।୧୧(ମାନସ ମିଶ୍ର )

କୋଲନରା ବ୍ଲକ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କୈଳାସପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡଙ୍କ ସଭାପତିତ୍ୱ ଏବଂ ପ୍ରଧାନ ଶିକ୍ଷକ ବିଶିକେଶନ ବାଗଙ୍କ ଆବାହକରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୋଲନରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲିସିକା ମୁଖ୍ୟ ଅତିଥି, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ଘଡେଇ, ବଡଖିଲାପଦର ପ୍ରଧାନଶିକ୍ଷକ ନବୀନ ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମାଞ୍ଜୁଲ ମାଣ୍ଡାଙ୍ଗି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜୁନିଅର ଓ ସିନିୟର ବର୍ଗରେ ପ୍ରବନ୍ଧ ଲିଖନ, ବିତର୍କ, ବକ୍ତୃତା, ସୃଜନ ଲିଖନ, ଚିତ୍ରାଙ୍କନ, ବାଦ୍ୟଯନ୍ତ୍ର ବାଦନ, ସଙ୍ଗୀତ, ଅଭିନୟ, ଗ୍ରୁପ ଡ୍ୟାନ୍ସ ଓ ସୋଲ ଡ୍ୟାନ୍ସ ଭଳି ୧୪ଟି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବ୍ଲକରେ ଥିବା ୧୭ଟି ବିଦ୍ୟାଳୟରୁ ୨୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବାଙ୍କିଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଧାରାଣି ପାତ୍ର ଓ କୈଳାଶପୁର ବିଦ୍ୟାଳୟର ମୋନାଲିସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଲକ୍ଷ୍ମଣ ଶବର, ଶିବରାମ ପ୍ରସାଦ ଶବର, ସାନ କିଶୋର ନାୟକ, ଅନାମ ଚରଣ ଧୀବର, ପି.ଅରୁଣା କୁମାରୀ, ସନ୍ତୋଷ ମହାପାତ୍ର, ମୃଦୁ ଭାସିନି ଟୁଆଲ ସିଂ, ଉଦୟନାଥ ଚୌଧୁରୀ, ପ୍ରମିଳା ଡାକୁଆ, ଦେବାଶିଷ ସାମଲ, ଶ୍ୟାମ ମିଶାଲ ଓ ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ଜୟ ଜଗନ୍ନାଥ ୧୧, ନିୟମଗିରି ବୁଲ୍ସ ବିଜୟୀ

## ଗୁଣପୁର ପ୍ରିମିୟମ ଲିଗ୍-୩ ତୃତୀୟ ଦିନ

ଗୁଣପୁର, ୧୨।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ମିନି ଷ୍ଟାଡିୟମରେ ପ୍ରିମିୟର୍ ଲିଗ୍-୩ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିନରେ ମଙ୍ଗଳାବର ଜୟ ଜଗନ୍ନାଥ ୧୧ ଓ ନିୟମଗିରି ବୁଲ୍ସ ଦଳ ବିଜୟୀ ହୋଇଛି । ପ୍ରିମିୟର ଲିଗ୍‌ର ଚତୁର୍ଥ ମ୍ୟାଚ ଜୟ ଜଗନ୍ନାଥ ଓ ଗୁଣପୁର ସୁପର କିଙ୍ଗ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଜୟ ଜଗନ୍ନାଥ ଦଳ ପ୍ରଥମେ ବ୍ୟାଟିଂକରି ୨୦ ଓଭର ୪ଟି ଉଇକେଟରେ ୨୦୦ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଗୁଣପୁର ସୁପର କିଙ୍ଗ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୧୯ ରନ୍ ସଂଗ୍ରହ କରିଥିଲେ। ଫଳର ଜୟ ଜଗନ୍ନାଥ ୧୧ ଦଳ ବିଜୟୀ ହୋଇଥିଲେ। ଦଳର ଅଧିନାୟକ ସନ୍ତୋଷ କେ ପାତ୍ର ସର୍ବାଧିକ ୫୪ ବଲ୍‌ରେ ୧୦୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଆର



ମ୍ୟାନ୍ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ଚିନ୍ନା ରାଜୁ ୨ ଓଭରରେ ୭ ରନ ଦେଇ ୨ଟି ଉଇକେଟ ନେଇଥିଲା।

ସେହିପରି ପଞ୍ଚମ ମ୍ୟାଚ ନିୟମଗିରି ବୁଲ୍ସ ଓ ଲଣ୍ଡନ କିଡ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ନିୟମଗିରି ବୁଲ୍ସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ୧୮ ଓଭର ୩ଟି ବଲରେ ୧୩୫ ରନ ସଂଗ୍ରହ କରି ଅଲ୍‌ଆଉଟ ହୋଇଯାଇଥିଲେ। ଏହାର ଜବାବରେ ଲଣ୍ଡନ କିଡ୍ସ ଦଳ ୧୯ ଓଭରରେ ୪ଟି ଉଇକେଟ ହରାଇ (ବ୍ୟାଡ୍ ଲାଇଟ ପାଇଁ ୧୯ ଓଭର ଖେଳ ହେଲା) ୧୩୪ ରନ ସଂଗ୍ରହ କରିଥିଲେ।

ନିୟମଗିରି ବୁଲ୍ସ ଦଳ ଏକ ରନ୍‌ରେ ବିଜୟୀ ହୋଇଥିଲା। ନିୟମଗିରି ବୁଲ୍ସ ଦଳର ସାଗର ପୂଜାରୀ ୨୭ଟି ବଲରେ ସର୍ବାଧିକ ୨୯ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ଲଣ୍ଡନ କିଡ୍ସ ଦଳର ଏମ୍‌ଡିଏସ ଅରମାନ ୪୩ ବଲରେ ୫୪ ରନ ସଂଗ୍ରହ କରିବା ସହ ଅପରାଜିତ ରହିଥିଲେ। ମ୍ୟାଚରେ ସାରଦା ପ୍ରସନ୍ନ ମହାପାତ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଶ୍ରୀତିକ ମିଶାଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୁଣପୁର ନବ ନିର୍ମାଣ ସମିତିର ସମ୍ପାଦକ ରଞ୍ଜିତ ପାଢ଼ୀ ମ୍ୟାନ୍ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମାଲକାନଗିରି ଥାନା ଅଧିକାରୀ ପାଇବେ ଗୃହମନ୍ତ୍ରୀ ଦକ୍ଷତା ପଦକ

ମାଲକାନଗିରି, ୧୨।୧୧ (ଦୁର୍ଯ୍ୟୋଧନ ପାତ୍ର)



କେନ୍ଦ୍ର ଗୃହମନ୍ତ୍ରୀ ଦକ୍ଷତା ପଦକ ପୁରସ୍କାର ଘୋଷଣା କରାଯାଇଥିବା ବେଳେ ରାଜ୍ୟର ୩ ପୋଲିସ ଇନ୍ସପେକ୍ଟରଙ୍କୁ ଏହି ପଦକ ମିଳିବ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ମନୋନୀତ ହୋଇଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସ–ରେ ଡିଜିପି ୱାଇ.ବି. ଖୁରାନିଆ ସୂଚନା ଦେଇଛନ୍ତି । ୨୦୨୪ ପାଇଁ ୪୬୩ ପୋଲିସ କର୍ମଚାରୀଙ୍କୁ ଏହି ପଦକ ଦିଆଯିବ। ପଦକ ପାଇଁ ଚୟନ କରାଯାଉଥିବା ଅଫିସରଙ୍କୁ ମୂଲ୍ୟାଙ୍କନରେ ବା ସେମାନଙ୍କର ପ୍ରଦର୍ଶନ ବିଶେଷକରି ସାହସିକତା ଏବଂ ସୁରକ୍ଷା ଆଦିରେ ଦିଆଯାଇଥାଏ। ନିଜ ତଦନ୍ତ ପ୍ରକ୍ରିୟା ଦ୍ୱାରା ସଫଳତା ଏବଂ ଉତ୍ତମ କାର୍ଯ୍ୟ କରିଥିବାରୁ କିଣ୍ଡୋଙ୍କୁ କେନ୍ଦ୍ର ଗୃହମନ୍ତ୍ରୀ ଦକ୍ଷତା ପଦକ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି।

### ଦାଦନ ଖଟିବାକୁ ଯାଇ ଶ୍ରମିକ ଗୁରୁତର

ମାଥିଲି, ୧୨।୧୧ (ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରିଜିଲା ମାଥିଲିବ୍ଲକ ଚାଉଳମେଣ୍ଡି ପଞ୍ଚାୟତର ଜଣେ ଶ୍ରମିକ କୃଷ୍ଣ ଚନ୍ଦ୍ର ନାଲି ତେଲଙ୍ଗାନା ନିଜାମବାଦରେ ଗୋଟିଏ ସ୍କୁଲ ଗେଟ ଛାତ ନିର୍ମାଣ କରୁଥିବା ସମୟରେ ଖସିପଡି ପାଖରେ ଥିବା ବିଦ୍ୟୁତ୍ ତାରରେ ପଡିଯିବା ଫଳରେ ତାଙ୍କ ଡାହାଣ ହାତ ଓ ବାମ ଗୋଡ଼ ଅଚଳ ହୋଇପଡିଛି। ସେ ଗାଁକୁ ଆସି କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ସେ ଗରୀବ ଶ୍ରେଣୀର ହୋଇଥିବାରୁ ଜିଲା ପ୍ରଶାସନ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ସନ୍ତୋଷୀ ମା' ନଗରରେ ଅଷ୍ଟପ୍ରହର ନାମଯଜ୍ଞ

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)

ଜୟପୁର ପାରାବେଡ଼ା ସନ୍ତୋଷୀ ମା' ନଗରରେ ଉନ୍ନୟନ କମିଟିପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଳାଧିବାସ କରାଯିବା ପରେ ସକାଳ ସାଢେ ୬ଟାରେ ନାମ ଆରମ୍ଭ ହୋଇଥିଲା। ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ।

### ଶିଶୁ ଉତ୍ସବ ଉଦ୍‌ଘାଟିତ

ବୋରିଗୁମ୍ମା, ୧୨।୧୧ (ବିଜୟ ସାହୁ)

ବୋରିଗୁମ୍ମା ସ୍ଥାନୀୟ ଡିଏଭି ଇଂଲିଶ ମିଡିୟମ ସ୍କୁଲରେ ତିନିଦିନିଆ ଶିଶୁ ଉତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଏଥିରେ ବିଜ୍ଞାନ ମେଳା, ଦ୍ୱିତୀୟ ଦିନ ଫୁଡ଼ ଫେଷ୍ଟିଭାଲ ଓ ଶେଷରେ ଶିଶୁ ଦିବସ ପାଳନ କରାଯିବ। ଉତ୍ସବକୁ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ସଚିନ କୁମାର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ତୁଷାର କୁମ୍ଭିକା, ବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, ପରିଚାଳନା କମିଟି ସଭାପତି ଏନ.ରାଜେଶ କୁମାର, ସଂଗଠନ ସମ୍ପାଦକ ପ୍ରସନ୍ନ ସାହୁ, ମନୋଜ ବିଷୋୟୀ, ଅଶୋକ ବେହେରା ଓ ଅଧକ୍ଷ ଏମ. ଆଦି ନାରାୟଣ ରାଓ ଉପସ୍ଥିତ ଥିଲେ। ପ୍ରଥମଦିନ ଶିଶୁମାନେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ଅଧ୍ୟାପକ ପଦ୍ମ ଭୂଷଣ ଦାସ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ଟିଜିଟି ବିଜ୍ଞାନ ଶିକ୍ଷକ ଗୁପ୍ତେଶର ରାଉତ, ପରିଚାଳନା କମିଟି ସଦସ୍ୟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମକର୍ତ୍ତା ଓ ଅଭିଭାବକ ଉପସ୍ଥିତ ଥିଲେ।

# ଆଇନଜୀବୀ ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ପାଇଁ ଖବରଦାତା ସମ୍ମିଳନୀ

ମାଲକାନଗିରି, ୧୨।୧୧ (ଦୁର୍ଯ୍ୟୋଧନ ପାତ୍ର)



ଖବରଦାତା ସମ୍ମିଳନୀରେ ଓକିଲମାନେ ଆଗାମୀ କାର୍ଯ୍ୟକ୍ରମ ନେଇ ସୂଚନା ଦେଉଛନ୍ତି ।

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ମାଲକାନଗିରିରେ ଡିସେମ୍ବର ୨୯ ଓ ୩୦ ରେ ହେବାକୁ ଥିବା ବେଳେ ସର୍କିଟ ହାଉସ୍‌ରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଲୟର ଆସୋସିଏଶନ ସଭାପତି ନୃସିଂହ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ସଞ୍ଜିତ ପାଣିଗ୍ରାହୀ, ଉପ ସଭାପତି ଜଗନ୍ନାଥ ମିଶ୍ର, ସମ୍ପାଦକ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ସହ ସମ୍ପାଦକ ମଧୁସୂଦନ ପଣ୍ଡା ଓ ସାଙ୍ଗଠନିକ ସମ୍ପାଦକ ମୋହନ କୁମାର ପଣ୍ଡା ପ୍ରମୁଖ ରାଜ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଅନ୍ୟ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିସହ ସୁପ୍ରିମ କୋର୍ଟ ବାର୍ ଆସୋସିଏଶନ ସଭାପତି କପିଲ ସିବଲ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟାନ୍ୟ ବିଚାରପତିମାନେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ସଂଘ ସଭାପତି ଜ୍ଞାନରଞ୍ଜନ କହିଛନ୍ତି। କାର୍ଯ୍ୟକ୍ରମରେ ଆଇନଜୀବୀମାନଙ୍କ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟବୀମା ଭଳି ବହୁ ସମସ୍ୟା ଉପରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଏହାକୁ ସଫଳ କରିବାକୁ ଖବରଦାତାଙ୍କୁ ଅନୁରୋଧ କରାଯାଇଥିଲା।

ଖବରଦାତା ସମ୍ମିଳନୀରେ ମାଲକାନଗିରିର ଲୟର ଆସୋସିଏଶନ ସମ୍ପାଦକ ଲମ୍ବୋଦର ତୁରୁକ, କାର୍ଯ୍ୟକାରୀ ସଭାପତି ଜୋସେଫ ଜେମ୍ସ, ଜିଲା ଓକିଲ ସଂଘ ସମ୍ପାଦକ ବିଜୁ ସରକାର, ସହକାରୀ ସମ୍ପାଦକ ଭବତୋଷ ବିଶ୍ୱାସ, ମୁସ୍କାନ ଦେବନାଥ ଓ ମହେଶ୍ୱର ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓସିଏସ୍ ପରୀକ୍ଷାରେ ସଫଳତା ପାଇଥିବା ବିନିଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୧୨।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଶ୍ରମଜୀବୀ ସଂଗଠନ, ମହିଳା ଶ୍ରମଜୀବୀ ସଂଗଠନ, ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ, ଆତ୍ମଶକ୍ତି ଟ୍ରଷ୍ଟ ଦ୍ୱାରା ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ବଣ୍ଡା ଯୁବତୀ ବିନି ମୁଦୁଲିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖଇରପୁଟ ବ୍ଲକ୍ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବଣ୍ଡା ଜନଜାତିର ପ୍ରଥମ ଝିଅ ବିନି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନିଜ ଜାତି ଓ ଅଞ୍ଚଳର ଗୌରବ ଆଣିଛନ୍ତି। ତାଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା ମାଧ୍ୟମରେ ଶୁଭେଚ୍ଛା ଫଳକ, ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଭବିଷ୍ୟତରେ ସେ ସଙ୍ଗଠନର ପ୍ରତ୍ୟେକ ବିକାଶମୁଖୀ କାର୍ଯ୍ୟକ୍ରମରେ ସହଯୋଗ କରିବା ନିମନ୍ତେ ମତ ଦେଇଥିଲେ। ସଭାର ଅତିଥି ଭାବରେ ଜିଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝି, ଡମ୍ବରୁଧର ନାୟକ, ରାମଚନ୍ଦ୍ର ମୁଦୁଲି, ମାଥିଲି ପରଜା ସମାଜ ସଭାପତି ଗୁରୁ ହନ୍ତାଳ, ଶୁଭଶ୍ରୀ ମାଡି, ଶୁକ୍ରା ଗୁରୁତେଲି, ମଙ୍ଗଳା ଗୁରୁତେଲି, ସୀତାରାମ ଦୁରୁଆ, ରାମ ବଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ରାଜ୍ୟସ୍ତରୀୟ ସଙ୍ଗଠନ କର୍ମକର୍ତ୍ତା ପଞ୍ଚାନନ ପ୍ରଧାନ ଓ ଜିଲାସ୍ତରୀୟ ସଙ୍ଗଠନ କର୍ମକର୍ତ୍ତା ବଟକୃଷ୍ଣ ସାହୁ, ଚିତ୍ତରଞ୍ଜନ ସାହୁ ପରିଚାଳନା କରିଥିଲେ।


ବିନି ମୁଦୁଲିଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

# ତୃତୀୟ ଥର ସ୍ୱର୍ଣ୍ଣପଦକ ହାତେଇଲେ ବାଲିମେଳାର ମସେ

କୋରୁକୋଣ୍ଡ, ୧୨।୧୧ (ଶିବଦତ୍ତ ସାହୁ)


ମସେ ଖରା

ମାଲକାନଗିରି ଜିଲା ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ମସେ ଖରା ପୁଣି ଥରେ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ରାଜ୍ୟସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାରେ ଲଗାତର ତୃତୀୟ ଥର ପାଇଁ ସେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଚଳିତ ବର୍ଷ କେଉଁଝରେ ଜିଲାରେ ହେଉଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ମସେ ମାଲକାନଗିରି ପକ୍ଷରୁ ଭାଗ ନେଇଥିଲେ। ଏଥିରେ ସେ ଶଟ୍‌ପୁଟ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଡିସ୍କସ୍ ଥ୍ରୋରେ କାଂସ୍ୟ ପଦକ ଜିତିଛନ୍ତି। ପୂର୍ବରୁ ୨୦୨୨–୨୩ ପ୍ରତିଯୋଗିତାରେ ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ, ୨୦୨୩–୨୪ରେ ଶଟ୍‌ପୁଟ୍ ଥ୍ରୋରେ ସ୍ୱର୍ଣ୍ଣ ଜିତି ଜିଲାର ଟେକ ରଖିଥିଲେ। ମସେଙ୍କ ବାପା କମୁଲୁ ଖରା ଓ ମା' ଦେଇ ଖରା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର ରାଲେଗଡ଼ା ପଞ୍ଚାୟତ କାଣ୍ଡାଗୁଡ଼ା ଗ୍ରାମର ବାସିନ୍ଦା। ବାଲିମେଳା ବିଦ୍ୟାଳୟରେ ପାଠ ପଢିବା ସମୟରେ ମସେଙ୍କ ଖେଳ ପ୍ରତିଭାକୁ ଖେଳ ଶିକ୍ଷକ ଭାଗୀରଥି ସାହୁ ଚିହ୍ନିଥିଲେ। ଖେଳ ଶିକ୍ଷକ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଭାରପ୍ରାପ୍ତ ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ପ୍ରମୁଖଙ୍କ ପ୍ରେରଣାରେ ପ୍ରେରିତ ହୋଇ ସେ ଆଜି ନିଜକୁ ସଫଳତାର ଶୀର୍ଷରେ ପହଞ୍ଚାଇପାରିଛନ୍ତି ବୋଲି ମସେ କହିଛନ୍ତି।

**ବିଦ୍ୟାଳୟସ୍ତରୀୟ ଖେଳକୁଦ**

### ପରବ ପ୍ରସ୍ତୁତି ବୈଠକ

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)

ଜୟପୁର ସଦର ମହକୁମାରେ ଜିଲାସ୍ତରୀୟ ପରବ ପାଇଁ ବିଭିନ୍ନ ପ୍ରତିଯୋଗିତା ନେଇ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଗୀତ ପ୍ରତିଯୋଗିତା, ମଞ୍ଚ ନାଟକ ଓ କଳା ପ୍ରତିଯୋଗିତା ନେଇ ଅଲୋଚନା କରାଯାଇଥିଲା। ବିଭିନ୍ନ ବ୍ଲକସ୍ତରରୁ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ଜୟପୁର ଟାଉନ ହଲ୍‌ରେ ଡିସେମ୍ବର ୩ରୁ ୫ ଯାଏ, ଜିଲାସ୍ତରୀୟ ଚାରୁ ଓ କଳା ପ୍ରତିଯୋଗିତା ଡିସେମ୍ବର ୬ରେ ଓ ସମସ୍ତ କଳା ପ୍ରଦର୍ଶନୀ ୯ ତାରିଖରେ ଚାରୁ ଓ କଳା ମହାବିଦ୍ୟାଳୟରେ ହେବ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଜିଲା ସାଂସ୍କୃତିକ ଅଧିକାରୀ ପ୍ରୀତିସୁଧା ଜେନା, ଜ୍ଞାନଜିତ ତ୍ରିପାଠୀ, ଯଶୋଦା ଗାଦବା, ମନୋଜ କୁମାର ପାତ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ଚାରୁ ଓ କଳା ମହାବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ ଓ ସମସ୍ତ କଳାକାର ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ମାଲକାନଗିରି, ୧୨।୧୧ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ମାଲକାନଗିରିଜିଲା ଅଦାଲତ ଆନୁକୂଲ୍ୟରେ ଏବଂ ଜିଲା ଓ ଦୌରା ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅଦାଲତ ପରିସରରେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଧିକାଂଶ ବିଦ୍ୟାଳୟର ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଯୋଗିତାରେ ଭାଗନେଇଥିଲେ। ଭାଗନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଦୌରାଜଜ୍ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାର ବିଭାଗ ଅଧିକାରୀ ସତ୍ୟପ୍ରିୟ ଦାସ, ଆଇନ ସେବା ପ୍ରାଧିକରଣ ସଚିବେ ସୁଶ୍ରୀ ସଙ୍ଗୀତା ପାତ୍ର, ମହିଳା ଅଦାଲତ ବିଚାରପତି ବବିତା ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ ଦାସ, ରେଜିଷ୍ଟ୍ରାର ରୁଦ୍ରପ୍ରକାଶ ନାୟକ, ଉପଖଣ୍ଡ ଦଣ୍ଡାଧିକାରୀ ପ୍ରତିମା ସାହୁ, ଗ୍ରାମ ନ୍ୟାୟାଳୟ ଦଣ୍ଡାଧିକାରୀ ଦେବେନ୍ଦ୍ର ବାଘ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ବୈଠକ

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନଳିନୀକାନ୍ତ ରଥ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ। ନଭେମ୍ବର ୧୬ରେ କୋରାପୁଟ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ, ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ଏଥିରେ ବହୁସଂଖ୍ୟାରେ ଇପିଏଫ୍ ପେନ୍‌ସନଧାରୀ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଛି। ସର୍ବନିମ୍ନ ପେନ୍‌ସନ ମାସିକ ୯ ହଜାର ଟଙ୍କା କରିବା, ଡିଏ ସଂଯୋଗ କରିବା ଓ ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବା ଆଦି ମୁଖ୍ୟ ଦାବି ରହିଛି। ଦାବି ହାସଲ ପାଇଁ ଇପିଏଫ୍ ପେନ୍‌ସନଧାରୀଙ୍କ ଦିଲ୍ଲୀର ଯନ୍ତରମନ୍ତରରେ ଧାରଣା ଜାରି ରହିଥିବା ବେଳେ ନଭେମ୍ବର ୧୮ରେ ଓଡ଼ିଶାରୁ ଶତାଧିକ ପ୍ରତିନିଧି ଏଥିରେ ଯୋଗଦେବେ। ପ୍ରୋଭିଡେଣ୍ଟ ଫଣ୍ଡରେ ୨୧୩ ଲକ୍ଷ କୋଟି ଟଙ୍କା ଗଚ୍ଛିତ ରହିଛି। ସେବା କାଗଜକଳ ଉଭୟ ସ୍ଥାୟୀ ଓ ଠିକା ଶ୍ରମିକମାନଙ୍କ ପିଏଫ୍ ପେନ୍‌ସନ ସମ୍ବନ୍ଧିତ ସମସ୍ୟା ସମାଧାନ ପାଇଁ ୨୧ ନଭେମ୍ବର ବ୍ରହ୍ମପୁର ଆଞ୍ଚଳିକ ପିଏଫ୍ କମିଶନର ଅଫିସ ଆଗରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କାଗଜକଳ ଶ୍ରମିକ ସଂଘ ସଭାପତି ମହାନ୍ତି ପ୍ରକାଶ କରିଥିଲେ। ସଭାରେ ସଭାପତି ଉମା ରଥ, ପୀତବାସ ମିଶ୍ର, କିଶୋର ଚନ୍ଦ୍ର ପଣ୍ଡା, ଜଗବନ୍ଧୁ ହନ୍ତାଳ, ପି.ଗୌରୀ ଶଙ୍କର ରାଓ, ଭାସ୍କର ଧଳ, ଏନ୍.ଏସ୍.ଆର୍. ମୂର୍ତ୍ତି, ବୈଜୟନ୍ତୀମାଳା ପଣ୍ଡା, ଅଞ୍ଜନା ସାହୁ, ଏ.ଏସ୍. ରାଜୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜି.ପ୍ରସାଦ ରାଓ ଧନ୍ୟବାଦ ଦେଇଥିଲେ।

### ଆଇନ ସଚେତନତା ଶିବିର

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)

ଜୟପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବୈପାରିଗୁଡା ବ୍ଲକ ମହୁଲି ପଞ୍ଚାୟତରେ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ବ୍ଲକ ଶିକ୍ଷା ଅଧିକାରୀ ବୈପାରିଗୁଡା ସୁକାନ୍ତ କର୍ତନି, ମହୁଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀ ପଦ ଜାନୀ, ପିଓ ରାଜଲକ୍ଷ୍ମୀ ସିଂ, ପାରାଲିଗାଲ ସ୍ୱେଚ୍ଛାସେବୀ ରାଜେଶ୍ୱର ମହୁରିଆ ଓ ଅନିଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା, ଡ୍ରପ ଆଉଟ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଫେରାଇବା, ମୌଳିକ କର୍ତ୍ତବ୍ୟ ବାଧ୍ୟତାମୂଳକ ଶିକ୍ଷା ଓ ୬ରୁ ୧୪ ବର୍ଷର ସମସ୍ତ ଶିଶୁଙ୍କୁ ଶିକ୍ଷାଗତ ଅଧିକାରରୁ ବଞ୍ଚିତ ନ କରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା।

# ମୋଡ୍ ତରଫରୁ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଚିତ୍ରକୋଣ୍ଡା, ୧୨।୧୧ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ମିଶନ ଶକ୍ତି ବୈଠକ ଗୃହରେ ମଙ୍ଗଳବାର ମୋଡ୍ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ ଓ ଡ୍ରପ୍ ଆଉଟ ରୋକିବା, ଶିଶୁ ଶ୍ରମିକ ଉଚ୍ଛେଦ, ଗୃହ ବିବାଦ ବନ୍ଦ କରିବା, ଝିଅମାନଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୂର ଦେଶକୁ ନେବା ବନ୍ଦ କରିବା ଆଦି ବିଷୟରେ ସଚେତନ କରାଯାଇଥିଲା । ସଂସ୍ଥାର ୩୫ ଜଣ କର୍ମକର୍ତ୍ତାଙ୍କୁ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଯାଇଥିଲା। ଏଥିରେ ଭିଭିଏନ୍ ଆଣ୍ଟୋନି ଆଇଜାକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ସୁଶୀଳା ସୋନବାଲ, ରାଜ୍ୟ କୋଅର୍ଡିନେଟର ଓମି ଜୟପାଲ ପ୍ରମୁଖ ଅଂଶଗ୍ରହଣ କରି କର୍ମକର୍ତ୍ତାଙ୍କୁ ସଚେତନ କରାଇଥିଲେ।

# ୨୦ରୁ ୪୦ ଫୁଟ ଓସାର ହେବ ଏମ୍‌ଜି ରୋଡ୍

**ପ୍ରଶାସନ ପକ୍ଷରୁ ମାପ, ଚିହ୍ନଟ ଆରମ୍ଭ**

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)


ପ୍ରଶାସନ ପକ୍ଷରୁ ରାସ୍ତା ମାପ ଚିହ୍ନଟ କରାଯାଉଛି ।

ଜୟପୁର ଏମ୍‌ଜି ରୋଡ୍‌ରେ ଜବରଦଖଲ ଉଚ୍ଛେଦ ନେଇ ପୌରପାଳିକା ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ମାପ କରାଯାଇଛି। ଏମ୍‌ଜି ରୋଡ୍ ୪୦ ଫୁଟିଆ ହେବ। ରାସ୍ତାର ମଝିରୁ ଉଭୟ ପଟେ ୨୦ ଫୁଟ ଲେଖାଏ ଚିହ୍ନଟ କରାଯାଇଛି। ଟ୍ରାଫିକ ଜାମ୍ ରହୁଥିବାରୁ ଅଞ୍ଚଳବାସୀ ଜବରଦଖଲ ଉଚ୍ଛେଦ ନେଇ ଦାବି କରୁଥିଲେ। ପ୍ରଶାସନ ଏହାକୁ ଗୁରୁତର ସହ ନେବା ସହ ଚିହ୍ନଟ ଆରମ୍ଭ କରିଛି। ଜୟପୁର ଉପ ଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଆକାବରମ ଶଶ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ରାଜସ୍ୱ ନିରୀକ୍ଷକ ସୁରଜ କୁମାର ପଣ୍ଡାଙ୍କ ସହ ପୌର କର୍ମଚାରୀମାନେ ମାପଚୁପ କରିଥିଲେ। ଜବରଦଖଲକାରୀଙ୍କୁ ୩ ଦିନିଆ ନୋଟିସ ଦିଆଯାଇଛି। ୱେଲ୍‌କମ୍ ଛକଠାରୁ ବେଲ ରୋଡ୍ ଯାଏ ଚିହ୍ନଟ କରାଯାଇ ଶିକ୍ଷାନୁଷ୍ଠାନ ପାଚେରି ସହ ସରକାରୀ ଅନୁଷ୍ଠାନ, ଦୋକାନ, ଷ୍ଟଲ ଆଦି ଭଙ୍ଗାଯିବା ନେଇ ନିଷ୍ପତ୍ତି ହୋଇଛି। ଉଚ୍ଛେଦ ପ୍ରକ୍ରିୟା ସରିବା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯିବ। ଚିହ୍ନଟ ହେବା ପରେ ଜବରଦଖଲ ଉଚ୍ଛେଦ କରାଯିବ। ରାସ୍ତାକୁ ଚଉଡ଼ା କରିବା ସହ ଆଲୋକୀକରଣ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି।

# ପଞ୍ଚାୟତସ୍ତରୀୟ ପରବ ଉଦ୍‌ଘାଟିତ

ପଟ୍ଟାଙ୍ଗି, ୧୨।୧୧ (ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ପଟ୍ଟାଙ୍ଗି ପଞ୍ଚାୟତସ୍ତରୀୟ ପରବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଗ୍ରାମ ଦେବୀ ମା' ଗଙ୍ଗାମା ମନ୍ଦିରରେ ପୂଜାର୍ଚ୍ଚନାକରି ମଶାଲ ଦୀପ ପ୍ରଜ୍ୱଳନ କରିଥିଲେ। ମା'ଙ୍କ ମନ୍ଦିରରୁ ପାରମ୍ପରିକ ବାଦ୍ୟ ଓ ଢେମସା ନୃତ୍ୟ ମାଧ୍ୟମରେ ମଶାଲ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା। ପରବ ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହେବ। ନଭେମ୍ବର ୧୩ ଓ ୧୪ରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ୧୫ରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ଜିପିଓ ଦିବାକର ପୁରୋହିତ ପ୍ରକାଶ କରିଥିଲେ। ନଭେମ୍ବର ୨୨ରେ ମିନି ଷ୍ଟାଡିୟମରେ ପରବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇ ୨୩ ତାରିଖରେ ଦେଓମାଳିରେ ଏହାର ଉଦ୍‌ଯାପାନୀ ଉତ୍ସବ ହେବ। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ନାଏବ ସରପଞ୍ଚ ଅଭି ତଟାପାଡ଼ିଆ, ପିଇଓ ହରିଶଙ୍କର ନାୟକ, ପେସା ସଂଯୋଜକ ସୁଜାତା ଦାସ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନୀଲ ସେଠୀଙ୍କ ସହ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ପରବ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଓ ଛାତ୍ରୀଛାତ୍ର ।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପ୍ରସ୍ତୁତି ବୈଠକ

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଦସ୍ୟମାନେ।

ଜୟପୁର ସହରର ଜିଲା ନ୍ୟାୟାଳୟ ପରିସରରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓକିଲ ସଂଘ ସଭାପତି ତ୍ରିନାଥ ସିଂ ଲାଲ, ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ପ୍ରତିନିଧି, ସଂଘର ଅଧକ୍ଷ ଜ୍ଞାନରଞ୍ଜନ ମହାନ୍ତି, ସଭାପତି ନନ୍ଦନନ୍ଦନ ଶତପଥୀ, ସଞ୍ଜୀବ ପାଣିଗ୍ରାହୀ, ଉପ ସଭାପତି ଜଗନ୍ନାଥ ମିଶ୍ର, ସମ୍ପାଦକ ମନୋରଞ୍ଜନ ମହାନ୍ତି, ସୁଶାନ୍ତ ମହାପାତ୍ର, ଶିଶିର କୁମାର ନାୟକ, ସହ ସମ୍ପାଦକ ମୋହନ କୁମାର ପଣ୍ଡା, ସଂଗଠନ ସମ୍ପାଦକ ମଧୁସୂଦନ ପଣ୍ଡା ଓ କାର୍ଯ୍ୟକାରୀ ସମ୍ପାଦକ ଶିବରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡିରେ ଓକିଲ ପି. ରାମା ରାଓଙ୍କ ଉପରେ ହୋଇଥିବା ଏସିଡ୍ ମାଡ଼ ଘଟଣାକୁ ନିନ୍ଦା କରାଯାଇ ତୁରନ୍ତ ଦୋଷୀଙ୍କୁ ଗିରଫ ସହ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ ଏବଂ କ୍ଷତି ପୂରଣ ପ୍ରଦାନ ପାଇଁ ତାଙ୍କୁ ୩୦ ଲକ୍ଷ ଟଙ୍କା ପ୍ରଦାନ ନେଇ ସଂଘ ପକ୍ଷରୁ ଦାବି କରାଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ପି. ରମେଶ ପାତ୍ରଙ୍କ ନେତୃତ୍ୱରେ ୧୫ ଜଣିଆ ଘଟଣା ଅନୁସନ୍ଧାନକାରୀ କମିଟି ଗଠନ କରାଯାଇଛି। ଡିସେମ୍ବର ୨୯, ୩୦ରେ ମାଲକାନଗିରିରେ ହେବାକୁ ଥିବା ୫୩ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସମ୍ମିଳନୀ କରିବାକୁ ନିଷ୍ପତ୍ତି ନିଆଗଲା। ବୈଠକରେ ଆଇନଜୀବୀ ବିଷ୍ଣୁ ପାତ୍ର, ଦାଶରଥି ପଟ୍ଟନାୟକ, ସୁଧୀର ଷଡ଼ଙ୍ଗୀ, ବିଜି ରାୟ ଜେନା ଦେଓ, ବୁନୁ ମହାନ୍ତି, ଲମ୍ବୋଦର ତୁରୁକ୍, ଅଜିତ ପାତ୍ର, ସଞ୍ଜୟ ଝା, ଟୁଟୁ ଦାସ, ପ୍ରଦୀପ୍ତ ବକ୍ସି, ଶଙ୍କର ପଣ୍ଡା, ହରି ବେହେରା, ତପନ ସିଂ, ଗିରିଧର ଖରା, ପି. ସନ୍ନ୍ୟାସୀ ରାଓ, ସହଦେବ ପଟ୍ଟନାୟକ, ରାଜେନ୍ଦ୍ର କୁମାର ଗୌଡ଼ ଓ ବୁଲୁ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ବଣ୍ଡାଘାଟିରେ ଜିଲାପାଳଙ୍କ ଜନଶୁଣାଣି

ଗୋବିନ୍ଦପାଲି, ୧୨।୧୧ (କାର୍ତ୍ତିକ ରଥ)

ମାଲକାନଗିରି ଜିଲାପାଳ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସହ ଜନ ଶୁଣାଣି ପାଇଁ ମଙ୍ଗଳବାର ଖଇରପୁଟ ବ୍ଲକ ବଣ୍ଡାଘାଟି ସମୁଦ୍ରପତନଠାରୁ ପ୍ରାୟ ୨୩୦୦ ଫୁଟ ଉଚ୍ଚରେ ଥିବା ଅଣ୍ଡରାହାଲ ଗ୍ରାମରେ ପହଞ୍ଚି ଥିଲେ। ଅଞ୍ଚଳଟି କୋରାପୁଟ ପରିସୀମା ନିକଟବର୍ତ୍ତୀ ଥିବା ବେଳେ ଏଠାକାର ପରିବେଶ ଅଫିସର୍‌ମାନଙ୍କ ପାଇଁ ପ୍ରତିକୂଳ। ଆଦିମ ଜନଜାତି ଲୋକଙ୍କ ପାଖରେ ପହଞ୍ଚି ଜନ ଶୁଣାଣି କରିଥିଲେ ପ୍ରଶାସନିକ ଅଧିକାରୀ। ପାଖରେ ପ୍ରଶାସନିକ ଅଧିକାରୀଙ୍କ ପାଇ ଖୁସି ହେଇ ମହିଳା ପୁରୁଷ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।

# ସରକାରୀ ଚାକିରିଆ, କିନ୍ତୁ ଜମିପଟ୍ଟାରେ ଚାଷୀ

■ ଯନ୍ତ୍ରୀଙ୍କ ଜମିକିଣା, ସରକାରଙ୍କୁ ତଥ୍ୟ ଲୁଚାଇବା ପ୍ରୟାସ ଅଭିଯୋଗ
■ ଅତିରିକ୍ତ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଲେ କଂଗ୍ରେସ ନେତା

ନବରଙ୍ଗପୁର, ୧୨।୧୧ ( ସଦାଶିବ ପ୍ରହରାଜ)

ଜଣେ ସରକାରୀ ଚାକିରିଆ ଜମି କିଣିବାବେଳେ ପଟ୍ଟାରେ ବୃତ୍ତି ଚାଷ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ନିଜ ଘର ଅନ୍ୟତ୍ର ହୋଇଥିବାବେଳେ ଚାକିରି କରୁଥିବା ସ୍ଥାନ ଠିକଣାରେ ଆଧାର ପ୍ରମାଣପତ୍ର ହାତେଇଛନ୍ତି। ଏ ନେଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ମଙ୍ଗଳବାର ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ କଂଗ୍ରେସ ନେତା କ୍ଷେମରାଜ ବାଘ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ରାଜୀବଲୋଚନ ଧଳ ଏବଂ ତାଙ୍କ ଭାଇ ଦେବ କୁମାର ଧଳ ଚନ୍ଦାହାଣ୍ଡି ରାଜସ୍ୱ ମଣ୍ଡଳ ଅଧୀନ ମୌଜା-ସାଲେବିଡି-୨ରେ ଖାତା ନମ୍ବର ୮୯/୯୭, ପ୍ଲଟ ନମ୍ବର ୨୦୪/୩୯୮/୪୦୬ରେ ୧୦ ଡିସିମିଲ ଜମି ୩ ଲକ୍ଷ ଟଙ୍କାରେ ଗତ ଅଗଷ୍ଟ ୨୮ରେ କିଣିଛନ୍ତି। ଉମରକୋଟ ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଦଲିଲ ସମ୍ପାଦନ କରିଛନ୍ତି। ଉକ୍ତ ଦଲିଲରେ ତାଙ୍କର ସ୍ଥାୟୀ ବାସିନ୍ଦା ଚନ୍ଦାହାଣ୍ଡି ସଦର ଗ୍ରାମ ରହିବା ସହ ବୃତ୍ତି ଚାଷ ବୋଲି ଉଲ୍ଲେଖ ରହିଛି। ଏଥିସହ ଦୁଇ ଭାଇ ଚନ୍ଦାହାଣ୍ଡି ତହସିଲଦାରଙ୍କଠାରୁ ଜାତି ପ୍ରମାଣ ପତ୍ର ପାଇବା ସହ ଚନ୍ଦାହାଣ୍ଡି ଠିକଣାରେ ଆଧାର ପ୍ରମାଣପତ୍ର ହାତେଇଛନ୍ତି। ୨୦୨୨ରେ ଯନ୍ତ୍ରୀ ଜଣଙ୍କ କିଣିଥିବା ଏକ ଜମି ପଟ୍ଟାରେ ତାଙ୍କ ଠିକଣା ଗ୍ରାମ ନୂହାମଲିଆ, ଜିଲା ମୟୂରଭଞ୍ଜ ରହିଥିଲା। ତେବେ ବର୍ଷକ ମଧ୍ୟରେ ଯନ୍ତ୍ରୀଙ୍କ ସ୍ଥାୟୀ ଠିକଣା କିଭଳି ବଦଳିଗଲା, ବୃତ୍ତି ଚାଷ କିପରି ହେଲା ବୋଲି କ୍ଷେମରାଜ ପ୍ରଶ୍ନ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଯନ୍ତ୍ରୀ ସରକାରୀ ଚାକିରି କଣ୍ଡକ୍ଟ ରୁଲ୍ ଖିଲାଫ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କ୍ଷେମରାଜ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି। ଜମି କ୍ରୟ ନିମନ୍ତେ ସେ ସରକାରୀ ଛୁଟି ନେଇଥିଲେ ନା ନାହିଁ ବୋଲି କ୍ଷେମରାଜ ସୂଚନା ଅଧିକାରରେ ତଥ୍ୟ ମାଗିଥିଲେ। ଯନ୍ତ୍ରୀ ୨୮ ତାରିଖରେ ଅଧାଦିନ ଛୁଟିରେ ଥିବା ଜଣାପଡିଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଏହାର ତଦନ୍ତ କରିବାକୁ ଚନ୍ଦାହାଣ୍ଡି ତହସିଲଦାର ସହଦେବ କୁଜୁରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ତହସିଲଦାର ଉକ୍ତ ଯନ୍ତ୍ରୀଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କରିଛନ୍ତି, ସେ ଏହାର କିଭଳି ନିରପେକ୍ଷ ତଦନ୍ତ କରିବେ ବୋଲି କହି କ୍ଷେମରାଜ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାପଡ଼ାହାଣ୍ଡିର ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ଘଟଣାର ନିରପେକ୍ଷ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇଛନ୍ତି। ଏନେଇ ଯନ୍ତ୍ରୀ ରାଜୀବଲୋଚନ ଧଳଙ୍କୁ ପଚାରିବାରୁ ଚନ୍ଦାହାଣ୍ଡି ଅଞ୍ଚଳରେ ୨୦ ବର୍ଷ ହେବ ରହିଛନ୍ତି। ଜମି କିଣି ନିବନ୍ଧକଙ୍କ କାର୍ଯ୍ୟାଳୟରେ ନିଜ ନାଁ ଠିକ୍ ଅଛିକି ନାହିଁ ଦେଖି ଦସ୍ତଖତ କରିଦେଲି। ସରକାରୀ ଚାକିରିଆ ପରିବର୍ତ୍ତେ ଚାଷୀ ଲେଖା ହୋଇଛି ତାହା ଜାଣି ପାରିନଥିଲି ବୋଲି ସେ କହିଛନ୍ତି। ଜମି କିଣିବା ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇଛନ୍ତି କି ବୋଲି ପଚାରିବାରୁ ଅନୁମତି ନେଇ ନ ଥିବା କହିଛନ୍ତି। ଡିସେମ୍ବର ମାସରେ ସମ୍ପତ୍ତି ତାଲିକା ପ୍ରଦାନ ସମୟରେ ସମସ୍ତ ତଥ୍ୟ ଦେଇଦେବି ବୋଲି ସେ କହିଛନ୍ତି।

# ‘ନିମୋନିଆ ନାହିଁ ଯାହାର, ପିଲାଦିନ ଠିକ୍ ତାହାର’

ନବରଙ୍ଗପୁର, ୧୨।୧୧ (ସଦାଶିବ ପ୍ରହରାଜ)


ବୈଠକରେ ଅତିଥି ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ସଦର ମହାକୁମ୍ଭା ଡାକ୍ତରଖାନା ସମ୍ମିଳନୀ ଗୃହରେ ଏଡିପିଏଚ୍ଓ (ଏଫ୍ଡବ୍ଲ୍ୟୁ) ମଳୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଯାଇଛି। ଶିଶୁ ରୋଗ ବିଶେଷଜ୍ଞ ଡ ପ୍ରଦୀପ କୁମାର ଦାସ, ଡିଏଚ୍ଓ ଡ ସୁକାନ୍ତ ଶତପଥୀ, ଡିଆଇପିଆର୍ଓ ମନୋଜ ବେହେରା ଉପସ୍ଥିତ ଥିଲେ। ସାଂସ ର ଚଳିତ ବର୍ଷର ବିଷୟ ‘ନିମୋନିଆ ନାହିଁ ଯାହାର, ପିଲାଦିନ ଠିକ୍ ତାହାର’ ବୋଲି କୁହାଯାଇଛି।

ନିମୋନିଆ ଦେଶରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁର କାରଣ ସାଜିଛି। ଏହାକୁ ପ୍ରତିହତ କରିବା ପାଇଁ ‘ସାନ୍ସ’ ଯୋଜନା ମାଧ୍ୟମରେ ନିମୋନିଆ ଲକ୍ଷଣ ଚିହ୍ନଟ କରି ତୁରନ୍ତ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲଇ ବୈଠକରେ ଆଲୋଚନା ହୋଇଛି। ଡ ତ୍ରିପାଠୀ ନିମୋନିଆ ପୀଡିତ ଶିଶୁଙ୍କ ଲକ୍ଷଣ, ନିମୋନିଆ ଲକ୍ଷଣ, ଔଷଧ , ଇଞ୍ଜେକ୍ସନ, ପିସିଭି ପ୍ରତିଷେଧକ ଟୀକା, ପୀଡ଼ିତ ଶିଶୁଙ୍କୁ ସ୍ତନ୍ୟପାନ, ଶୀତଦିନରେ ଅଧିକ ଯତ୍ନ, ଆଶାକର୍ମୀଙ୍କ ଦ୍ୱାରା ଔଷଧ ପ୍ରଦାନ ନେଇ ଆଲୋଚନା କରାଯାଇଛି। ଜିଲାରେ ନିମୋନିଆକୁ ପ୍ରତିହତ ପାଇଁ ଆଶା କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପଯୁକ୍ତ ତାଲିମ, ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର ପ୍ରସାର, ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ନ ହେବା, ନୀରିକ୍ଷଣ ଟିମ୍, ସ୍ୱାସ୍ଥ୍ୟକେନ୍ଦ୍ରରେ ନିମୋନିଆ ପାଇଁ ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା ଉପରେ କହିଥିଲେ। ୨୦୨୫ ଫେବୃଆରୀ ୨୮ ପର୍ଯ୍ୟନ୍ତ ଚାଲିବ। ବୈଠକ ପରେ ସଚେତନତା ଷ୍ଟଲକୁ ଡ ତ୍ରିପାଠୀ ଉଦ୍ଘାଟନ କରିଥିଲେ। ବୈଠକରେ ଏଡିପିଏଚ୍ସିଓ ରାମହରି ପଣ୍ଡା, ଡିଏମ୍, ଆର୍ସିଏଚ୍ ସୁଶାନ୍ତ ପ୍ରସାଦ ନାୟକ, ଆର୍ ବି ଏସ୍ ମ୍ୟାନେଜର ଫିରୋଜ ବାଗଙ୍କ ସମେତ ନର୍ସିଂ କଲେଜର ଛାତ୍ରୀ, ମେଡିକାଲ ଷ୍ଟାଫ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ଲକ୍ଷ୍ମୀ ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ଝରିଗାଁ, ୧୨।୧୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତ ଅଧୀନ ଢେପଗୁଡ଼ା ଗ୍ରାମ ନିକଟରେ ଲକ୍ଷ୍ମୀ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ବଡ଼ଟେମେରା ପଞ୍ଚାୟତ ଡଙ୍ଗରିଗୁଡ଼ା ଗ୍ରାମର ଜଗବନ୍ଧୁ ଜାନୀ(୨୦)। ଦୁର୍ଘଟଣା ପରେ ବସ୍ଡ୍ରାଇଭର ମହେନ୍ଦ୍ର ଦାସ, କଣ୍ଡକ୍ଟର ରାଇଧର ମାଝି ଫେରାର ହୋଇଯାଇଛନ୍ତି। ଲକ୍ଷ୍ମୀ ବସ୍ ସୁପରଭାଇଜର ରାଜେନ୍ଦ୍ର ହରିଜନ ଘଟଣା ସମ୍ପର୍କରେ ଝରିଗାଁ ଥାନାରେ ଖବର ଦେଇଛନ୍ତି। କ୍ଷତିପୂରଣ ଦାବିରେ ପରିବାର ଲୋକେ ଏବେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ଦୁର୍ଘଟଣାସ୍ଥଳରେ ଝରିଗାଁ ଥାନା ଏଏସ୍ଆଇ କେଦାର ନାଥ ରାଉତ, ବେଦବ୍ୟାସ ବାଞ୍ଚରା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା ରାସ୍ତାରୋକୋ ହଟି ନ ଥିଲା।

ସୂଚନାନୁଯାୟୀ, ମଙ୍ଗଳବାର ଜଗବନ୍ଧୁ ତାଙ୍କ ସମ୍ପର୍କୀୟ ଭାଇ କାଦୁ ଜାନୀଙ୍କ ସହ ପରିବା କିଣିବା ପାଇଁ ବାଇକ (ଓଡି-୨୪ଡି-୮୨୮୩) ଯୋଗେ ଚଟା ସାପ୍ତାହିକ ହାଟକୁ ଆସିଥିଲେ। ସନ୍ଧ୍ୟା ୫ଟାରେ ଘରକୁ ଫେରିବାବେଳେ ଢେପଗୁଡା ଗ୍ରାମ ନିକଟ ଏକ ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଲକ୍ଷ୍ମୀ ବସ୍ ( ଓଡି-୨୪ଜେ-୯୫୨୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଜଗବନ୍ଧୁ ଓ କାଦୁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ବାଇକ ଚାଳକ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। କାଦୁଙ୍କୁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ

## ଛତିଶଗଡ଼ରେ ପିକ୍ଅପ୍-ଟ୍ରାକ୍ଟର ଧକ୍କା ଘଟଣା

କୋଷାଗୁମୁଡା, ୧୨।୧୧ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସୀମାନ୍ତ ବକାୱଣ୍ଡ ରାଜନଗର ନିକଟରେ ଶନିବାର ବିଳମ୍ବିତ ରାତିରେ ପିକଓଫ-ଟ୍ରାକ୍ଟର ଧକ୍କାରେ ୩ ଓଡ଼ିଆ ଶ୍ରମିକଙ୍କ ମୃତ ହୋଇଥିବାବେଳେ ୧୨ ଆହତ ହୋଇଥିଲେ। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଏମ୍ କେରାଗାଁ ପଞ୍ଚାୟତର ମାରିଗୁଡା ଗ୍ରାମର ସୁନା ମଣି ଭତ୍ରା। ଏବେ ମଧ୍ୟ ଛତିଶଗଡ଼ ଜଗଦଲପୁରରେ ୧୧ ଜଣ ଚିକିତ୍ସିତ ହେଉଛନ୍ତି।

# ବିନା ମାମଲାରେ ଶତାଧିକ ଗାଡ଼ି ଜବତ ଅଭିଯୋଗ

■ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ପଡ଼ି ଖତଖାଉଛି
■ ଘଟଣାର ତଦନ୍ତ ଦାବି କଲେ ସରକାରୀ ଓକିଲ

ରାଇଘର, ୧୨।୧୧(କିରଣ ପଟ୍ଟନାୟକ)


ବନ ବିଭାଗ କାର୍ଯ୍ୟାଳୟରେ ପଡ଼ି ରହିଥିବା ଜବତ ଗାଡ଼ି।

ନବରଙ୍ଗପୁର ଜିଲା ରାଇଘର ବନ ବିଭାଗ କାର୍ଯ୍ୟାଳୟକୁ ଗଲେ ଠିଆ ହେବାକୁ ସ୍ଥାନ ନାହିଁ। ଚାରିଆଡ଼େ ପଡ଼ି ରହିଛି ଜବତ ଗାଡ଼ି। ବିଭାଗ ପକ୍ଷରୁ ଯେଉଁ ସ୍ଥାନରେ ସିଜରୱାର୍ଡ ନିର୍ମାଣ ହୋଇଛି ତାହା ଏବେ ଯାଏ କିନ୍ତୁ କାମରେ ଲାଗୁନି। ତେବେ ଏଠାରେ ବିନା ମାମଲାରେ ଅନେକ ଗାଡ଼ି ରଖାଯାଇଥିବା ଅଭିଯୋଗ ହେଉଛି। ସୁପ୍ରିମକୋର୍ଟ ଓ ହାଇକୋର୍ଟ ଜବତ ସମସ୍ତ ଗାଡ଼ି ଛାଡ଼ିବାକୁ ନିର୍ଦ୍ଦେଶ ଦେବାପରେ ଏହି ରହସ୍ୟ ସାମ୍ନାକୁ ଆସିଥିବା ସରକାରୀ ଓକିଲ ମନୋଜ ମହାପାତ୍ର କହିଛନ୍ତି। ଏଭଳି ବେଆଇନ କାମର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

ସୂଚନାନୁଯାୟୀ ବନ ବିଭାଗ ପରିସରରେ ଶତାଧିକ ଜବତ ଗାଡ଼ି ପଡ଼ି ରହିଛି। ଉକ୍ତ ଗାଡ଼ିଗୁଡ଼ିକ ସମ୍ପର୍କରେ କୋର୍ଟ ନିକଟରେ କୌଣସି ସୂଚନା ନାହିଁ। କିନ୍ତୁ ଅଧା ଗାଡି ମାମଲା ରୁଜୁ ହୋଇଥିବା ବେଳେ ଅଧା ଗାଡି ବିନା ମାମଲାରେ ଖତ ଖାଇ ପଡ଼ିଛି। ତେବେ ବିଭାଗ ପକ୍ଷରୁ କିଭଳି ବିନା ମାମଲାରେ ଗାଡି ଜବତ କରି ରଖାଗଲା ତାହା ଏବେ ଚର୍ଚ୍ଚାର ବିଷୟ। ଗାଡି ବାହାର କରିବାକୁ କୋର୍ଟ ଆଦେଶ ସତ୍ତ୍ୱେ ବିଭାଗସ୍ତରରେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି ସାକ୍ଷ୍ୟ ପ୍ରମାଣ ନ ମିଳିବା ପରେ ସେ ଖଲାସ ହୋଇଥିଲେ ମଧ୍ୟ ବନ ବିଭାଗ ତାଙ୍କଠାରୁ ଜବତ ଗାଡ଼ି ଫେରସ୍ତ କରୁ ନ ଥିବା ଜଣାପଡ଼ିଛି। ଏ ବିଷୟରେ ରାଇଘର ଭାରପ୍ରାପ୍ତ ରେଞ୍ଜର ମହମ୍ମଦ ଅବଦୁଲ ସମଦଙ୍କୁ ପଚାରିବାରୁ କୋର୍ଟ ଆଦେଶକୁ ଗ୍ରହଣ କରିବା ସହ ବିଭାଗୀୟସ୍ତରରେ ଯାଞ୍ଚ ଚାଲିଥିବା କହିଛନ୍ତି। ତେବେ ବିନା ମାମଲାରେ ପଡି ରହିଥିବା ଗାଡି ସମ୍ପର୍କରେ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ।

# ପୁଷ୍ଟିକର, ଗୁଣାତ୍ମକ କଫି ପ୍ରଜାତି ଚିହ୍ନଟ

କୋରାପୁଟ, ୧୨।୧୧(ଅମିତାଭ ବେହେରା)



କୋରାପୁଟର ମାଳଭୂମିରେ ଆଦିବାସୀମାନେ ଚାଷ କରୁଥିବା ବିଭିନ୍ନ ପ୍ରକାର ପୁଷ୍ଟିକର ଓ ଗୁଣାତ୍ମକ କଫି ପ୍ରଜାତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳ ବିଭାଗର ଗବେଷକ ଚିହ୍ନଟ କରିଛନ୍ତି। ପ୍ରଫେସର ଡ଼.ଦେବବ୍ରତ ପଣ୍ଡା ତାଙ୍କ ସହଯୋଗୀଙ୍କ ସହ ମିଶି କୋରାପୁଟର ବିଭିନ୍ନ କଫି ପ୍ରଜାତିର ଗୁଣାତ୍ମକମାନ ଉପରେ ଗବେଷଣା କରି ତଥ୍ୟ ଦର୍ଶାଇଛନ୍ତି। ଚନ୍ଦ୍ରଗିରି ଏବଂ କାବେରୀ ଅନ୍ୟ କଫି ପ୍ରଜାତିରୁ ଅଧିକ ପରିମାଣରେ ପୋଷାକତତ୍ତ୍ୱ,ପ୍ରୋଟିନ, ଫାଇବର, ଭିଟାମିନ, ଏଣ୍ଟିଅକ୍ସଇଡେଣ୍ଟ ଓ ମିନେରାଲସ ରହିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଏହାର ଗୁଣାତ୍ମକମାନ ଅନ୍ୟ ଆରବିକା, ଲିବେରିକା ଓ ରାବୁଷ୍ଟା ପ୍ରଜାତିଠାରୁ ଅଧିକ। କୋରାପୁଟରେ ପୂର୍ବତଟ ମାଳଭୂମିର ଆଦିବାସୀମାନେ ଚାଷ କରୁଥିବା ୧୩ ପ୍ରକାର କଫିର ଗୁଣାତ୍ମକମାନ ଗବେଷଣାକୁ ଅନ୍ତର୍ଜାତୀୟ ଜର୍ଣ୍ଣାଲ ବେଜେଟସରେ ଗତ ଅକ୍ଟୋବର ୯ରେ ତାଙ୍କ ଛାତ୍ରୀ ବର୍ଷାରାଣୀ ସିଂ ଓ ମୋନାଲି ନନ୍ଦଙ୍କ ସହ ମିଶି ପ୍ରକାଶ କରିଛନ୍ତି। ଏହି କଫି ପ୍ରଜାତିରର ଗୁଣ ସୂତ୍ରକୁ ପରୀକ୍ଷା କରି ଆଗାମୀ ଦିନରେ ନୂତନ ଗୁଣାତ୍ମକ କଫି ତିଆରି କରାଯାଇ ପାରିବ ବୋଲି ଡ. ପଣ୍ଡା କହିଛନ୍ତି। କୋରାପୁଟର କଫି ଉନ୍ନତମାନର ପୋଷକ ତତ୍ତ୍ୱ ପାଇଁ ଆଦୃତ ହୋଇଥିବା ବେଳେ ବର୍ତ୍ତମାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା ଏହାକୁ ବିଶ୍ୱ ଦରବାରରେ କରିବ ବୋଲି କଫି ଉଦ୍ୟୋଗୀ ସୁଜୟ ପ୍ରଧାନ କହିଛନ୍ତି।

# ୯ ବସ୍ତା ପାନ ମସଲାରୁ ଲକ୍ଷେ ୬୬ ହଜାର ଜରିମାନା

ଉମରକୋଟ, ୧୨।୧୧ (ସନ୍ତୋଷ ଶତପଥୀ)

ଛତିଶଗଡ଼ କୋଣ୍ଡାଗାଁରୁ ରାଇଘର ଚାଲାଣ ହେଉଥିବା ୯ ବସ୍ତା ଗୁଟ୍ଖାରୁ ଭବାନୀପାଟଣାର ଜିଏସ୍ଟି ବିଭାଗ ୧ଲକ୍ଷ ୬୬ ହଜାର ଟଙ୍କା ଜରିମାନା ଆଦାୟ କରିଛି। ୨ଦିନ ପୂର୍ବରୁ କୋଣ୍ଡାଗାଁରୁ ଏକ ଘରୋଇ ବସରେ ୯ ବସ୍ତା ଗୁଟୁକା ଉମରକୋଟ ଆସିଥିଲା। ଏଠାରେ ଅନ୍ଲୋଡ ହେବା ପରେ ଅନ୍ୟ ଏକ ବସ୍ରେ ବିକ୍ରି ପାଇଁ ରାଇଘର ଯାଇଥାନ୍ତା। ତେବେ କୌଣସି ସୂତ୍ର ରୁ ଖବର ପାଇଁ ଉମରକୋଟ ପୋଲିସ ପୁରୁଣା ବସ ଷ୍ଟାଣ୍ଡରେ ତାହାକୁ ଜବତ କରି ଥାନାକୁ ନେଇ ଭବାନୀପାଟଣା ଜିଏସ୍ଟି ବିଭାଗକୁ ଖବର ଦେଇଥିଲା। ମଙ୍ଗଳବାର ଭବାନୀପାଟଣା ଜିଏସ୍ଟି ଟିମ୍ ଉମରକୋଟରେ ପହଞ୍ଚି ଥିଲା। ୯ ବସ୍ତା ଗୁଟୁକାର ବଜାର ମୂଲ୍ୟ ୧ଲକ୍ଷ ୩୮ହଜାର ୪୧୮ ଟଙ୍କା ହୋଇଥିବା ବେଳେ ଜିଏସ୍ଟି ବିଭାଗ ୧ଲକ୍ଷ ୬୬ହଜାର ୧୦୨ ଟଙ୍କା ଜରିମାନା ଆଦାୟ କରିଥିଲା। ତେବେ ଟଙ୍କା ପୈଠ ପରେ ଜବତ ପାନ ମସଲାକୁ ମାଲିକକୁ ହସ୍ତାନ୍ତର କରାଯାଇଛି। ଭବାନୀପାଟଣା ଜିଏସ୍ଟି ବିଭାଗର ସିଟିଓ ହରେକୃଷ୍ଣ ସାହୁ, ଏସିଟିଓ ସୁଧାଂଶୁ ବେହେରା ଓ ଟଙ୍କଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଡାକମେଳା



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ପଡିଆ, ୧୨।୧୧(ଭାସ୍କର ରାଓ)

ଭାରତୀୟ ଡାକ ବିଭାଗ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କାଲିମେଳା ବ୍ଲକ କାଙ୍ଗୁରୁକୋଣ୍ଡା ପଞ୍ଚାୟତରେ ଉପଖଣ୍ଡ ଇନ୍ସପେକ୍ଟର ରାଜେବେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୋରାପୁଟ ମଣ୍ଡଳ ଡିଏସ୍ପି ଲକ୍ଷ୍ମୀ ନାରାୟଣ ମିଶ୍ର ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ରେବତୀ କୁଞ୍ଜି,ମାଲକାନଗିରି ଆସିଷ୍ଟାଣ୍ଟ କଲେକ୍ଟର ପ୍ରଫୁଲ୍ଲ ବେହେରା, ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଉପଖଣ୍ଡ ଅଧ୍ୟକ୍ଷ ଗଗନ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଡାକ ବିଭାଗ ପକ୍ଷରୁ ଲୋକମାନଙ୍କ ପାଇଁ ଯେଉଁ ସବୁ ଯୋଜନା ରହିଛି ସେ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଲୋକମାନେ ପଞ୍ଚାୟତ ଶାଖା ଡାକଘରେ ନିଜ ନାମରେ ଆକାଉଣ୍ଟ ଖୋଲିଥିଲେ। ଗିରକାନପଲ୍ଲୀ ଶାଖା ଡାକପାଳ ସୁଜାତା ସାହୁ ମେଳା ପରିଚାଳନା କରିଥିଲେ। ଡାକ ବିଭାଗ ଓଭରସିୟର ବିଜୟ କୁମାର ପାତ୍ର, ରାଜାରାମ ହରିଜନ ଏବଂ କାଙ୍ଗୁରୁକୋଣ୍ଡା ଶାଖା ଡାକପାଳଙ୍କ ଆୟୋଜନରେ ଅଞ୍ଚଳରୁ ୨ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମେଳାରେ କାଲିମେଳା ଉପ ଡାକ ଘର ଅନ୍ତର୍ଗତ ସମସ୍ତ ଶାଖା ଡାକପାଳ ଓ ଅତିରିକ୍ତ ଶାଖା ଡାକପାଳମାନେ ଯୋଗ ଦେଇ ଲୋକମାନଙ୍କର ବିଭିନ୍ନ ଆକାଉଣ୍ଟ ଖୋଲିଥିଲେ ।

# ପ୍ରାତଃଭ୍ରମଣବେଳେ ଶିକ୍ଷକଙ୍କଠାରୁ ଚେନ୍ ନେଇଗଲେ ଦୁର୍ବୃତ୍ତ

ତେନ୍ତୁଲିଖୁଣ୍ଟି, ୧୨।୧୧(ଚିଦାନନ୍ଦ ସାହୁ)

ପ୍ରାତଃଭ୍ରମଣବେଳେ ଶିକ୍ଷକଙ୍କୁ ଅଟକାଇ ୪ ଜଣ ଦୁର୍ବୃତ୍ତ ତାଙ୍କଠାରୁ ଚେନ୍ ଚୋରି କରି ନେଇଯାଇଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିରୁ ଏଭଳି ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ସୂଚନାନୁଯାୟୀ, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ ସ୍ୱାଇଁ ମଙ୍ଗଳବାର ପ୍ରାତଃଭ୍ରମଣ କରିବାକୁ ଯାଇଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ସେ ପିନ୍ଧିଥିବା ଦେଢ଼ ତୁଳାର ଚେନ୍ ନେଇଯାଇଥିଲେ। ସେ ସକାଳ ପ୍ରାୟ ୫.୨୦ରେ ଖାତିଗୁଡ଼ା ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ଥାନାରେ ତାଲା ପଡ଼ିଥିବାରୁ ସେ ନିରାଶ ହୋଇ ଫେରିଥିଲେ। ପରେ ପୂର୍ବାହ୍ନ ଆଠଟା ବେଳେ ସେ ପୁଣି ଥରେ ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ହରିଶ୍ ଗଲୋରି ଘଟଣାସ୍ଥଳକୁ ସବ୍ଇନ୍ସପେକ୍ଟର ଦିଲୀପ କୁମାର ସାହୁଙ୍କୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। କେସ୍ ନମ୍ବର ୧୫୯/୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି। ଅଭିଯୋଗକାରୀଙ୍କ ଥାନା ଗେଟ୍ ବନ୍ଦ ଥିବା କଥାକୁ ଥାନାଧିକାରୀ ଖଣ୍ଡନ କରିଛନ୍ତି।

# କ୍ରୀଡ଼ା, ଦୌଡ଼ ପ୍ରତିଯୋଗିତା

ଜୟପୁର, ୧୨।୧୧ (ପବନ ପାଣିଗ୍ରାହୀ)

ଜୟପୁର ଆମ୍ବାଗୁଡା ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ପରବ ଅବସରରେ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଛନ୍ତି। ଜୟପୁର ବିଡିଓ ଶକ୍ତି ମହାପାତ୍ର, ଜିପିଓ ଭାଗିରଥି ନାୟକ, ଏପିଓ ସନ୍ତୋଷି ମହାପାତ୍ର ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ନଭେମ୍ବର ୧୨,୧୩ ଓ ୧୮ ଓ ୧୯ରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ସ୍କୁଲସ୍ତରୀୟ ଜାତୀୟ ତୀରନ୍ଦାଜୀରେ ଛାତ୍ର ମନୋନୀତ

ସୁନାବେଡା, ୧୨।୧୧(କୃତ୍ତିବାସ ପ୍ରଧାନ)


ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକଙ୍କ ସହ ରାଜେନ୍ଦ୍ର।

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲା ସୁନାବେଡା ହାଲ୍ ସହରାଞ୍ଚଳସ୍ଥିତ ଏରୋନଟିକସ ଡିଏଭି ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ରାଜେନ୍ଦ୍ର ପୂଜାରୀ ଜାତୀୟସ୍ତରୀୟ ବିଦ୍ୟାଳୟ କ୍ରୀଡାରେ ତୀରନ୍ଦାଜୀ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ନଭେମ୍ବର ୧୯ ଓ ୨୦ରେ ଗୁଜରାଟ ନାଦିଆଦରେ ହେବାକୁ ଥିବା ଜାତୀୟସ୍ତରୀୟ(୧୪ ବର୍ଷରୁ କମ୍) ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ରାଜେନ୍ଦ୍ର ମନୋନୀତ ଅନ୍ୟ ଖେଳାଳୀଙ୍କ ସହ ନଭେମ୍ବର ୧୬ରେ ଭୁବନେଶ୍ୱରରୁ ଗୁଜୁରାଟ ଅଭିମୁଖେ ଯାତ୍ରା କରିବେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ମିଗ ନଗରୀର କ୍ରୀଡାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶିବିରରେ ୫୩ ଅଭିଯୋଗର ଶୁଣାଣି

ନବରଙ୍ଗପୁର, ୧୨।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର ଏବଂ ବିଡିଓ ରାମକୃଷ୍ଣ ନାୟକଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୩ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ସମସ୍ୟା ରହିଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଜଣଙ୍କୁ ହୁଇଲ ଚେୟାର ଏବଂ ୩୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ନୂତନ ସହାୟତା କାର୍ଡ ପ୍ରଦାନ କରଯାଇଥିଲା।


ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

# ୟୁପିଏଲ୍ ଫାଇନାଲରେ ପୁରୀ ୱାରିୟର

ଉମରକୋଟ, ୧୨।୧୧(ସନ୍ତୋଷ ଶତପଥୀ)


ଫାଇନାଲକୁ ଯାଇଥିବା ପୁରୀୱାରିୟରର ଖେଳାଳିମାନେ ।

ଉମରକୋଟ ପ୍ରୀମିୟର ଲିଗ୍ (ୟୁପିଏଲ୍) ଫାଇନାଲରେ ପୁରୀ ୱାରିୟର ପହଞ୍ଚିଛି। ମଙ୍ଗଳବାର ଟୁର୍ନାମେଣ୍ଟ ଷଷ୍ଠ ଦିନର ପ୍ରଥମ ସେମିଫାଇନାଲ ମ୍ୟାଚ ରିଟାୟର୍ଡ଼ ୧୧ ଓ ପୁରୀ ୱାରୀୟର ମଧ୍ୟରେ ଖେଳାଯାଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ରିଟାୟର୍ଡ଼ ୧୧ ୯ ଉଇକେଟ ହରାଇ ୨୨୮ ରନ କରିଥିଲା। ପୁରୀ ୱାରିୟର ୧୯. ୨ ଓଭରରେ ୯ ଉଇକେଟ ହରାଇ ୨୩୧ ରନ କରି ଫାଇନାଲକୁ ଯାଇଛି। ଉଲ୍ଲେଖ ଯୋଗ୍ୟ ଯେ କ୍ରମାଗତ ୪ଟି ମ୍ୟାଚରେ ପୁରୀ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ମ୍ୟାଚକୁ ପ୍ରାୟ ପାଞ୍ଚ ହଜାର ଦର୍ଶକ ଦେଖିଥିଲେ। ଆକର୍ଷଣୀୟ ବୋଲିଙ୍ଗ ଓ ବ୍ୟାଟିଂ ପାଇଁ ପୁରୀର ଅନୀଲ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ୧୬ ଏବଂ ଫାଇନାଲ ମ୍ୟାଚ ୧୭ ତାରିଖରେ ଅନୁଷ୍ଠିତ ହେବ।

